# ଅଲିକୁଦ ସୌର ପାନୀୟ ଜଳ ପ୍ରକଳ୍ପ ଅଚଳ

**ବୌଦ୍ଧ,୧୭ ।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତର ଅଲିକୁଦ ଗ୍ରାମରେ ଥିବା ସୋଲାର ପାନୀୟ ଜଳ ପ୍ରକଳ୍ପ ଦୀର୍ଘ ୬ ମାସରୁ ଅଧିକ ହେଲାଣି ଅଚଳ ଅବସ୍ଥାରେ ପଡ଼ି ରହିଛି। ୪୦ ପରିବାର ବସବାସ କରୁଥିବା ଏହି ଗ୍ରାମରେ ଅବଶ୍ୟ ଏକ ନଳକୂପ ଅଛି; ହେଲେ ଖରାଦିନେ ସେଥିରୁ ପର୍ଯ୍ୟାପ୍ତ ପାଣି ବାହାରୁନି। ଏଥିଯୋଗୁଁ ଲୋକେ ପାଣି ପାଇଁ ହଇରାଣ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୋଲାର ପ୍ରକଳ୍ପ ଅଚଳ ହୋଇ ପଡିବା ପରେ ଲୋକେ



ନଳକୂପ ଉପରେ ନିର୍ଭର କରି ଚଳୁଥିଲେ; ହେଲେ ଖରାର ପ୍ରକୋପ ବଢିବା ପରେ ପାଣି ପାଇଁ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହେଉଛି।

ପିଇବା ସହ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଲୋକେ ନଳକୂପ ଉପରେ ନିର୍ଭର କରି ବହୁତ୍ ହଇରାଣ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଅଚଳ ସୌର ଶକ୍ତି ପ୍ରକଳ୍ପକୁ ଚାଲୁ କରିବା ପାଇଁ ପଞ୍ଚାୟତଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଏହି ସୋଲାର ପାନୀୟ ଜଳ ପ୍ରକଳ୍ପ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ପାଣି ନ ପାଇ ବହୁତ ହଇରାଣ ହେଉଥିବା ଦେଖିବାକୁ ମିଳିଛି। ତୁରନ୍ତ ଉକ୍ତ ପାନୀୟ ଜଳ ପ୍ରକଳ୍ପକୁ ମରାମତି କରିବା ସହ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଲୋକେ ଦାବି କରିଛନ୍ତି।

## ଗଞ୍ଜେଇ କାରବାରରେ ଜଣେ ଗିରଫ



**କଣ୍ଟାମାଳ,୧୭ ।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ପୁଲିସ ଗଞ୍ଜେଇ କାରବାରରେ ୨ ଜଣକୁ ଗିରଫ କରିଛି। ଏମାନେ ହେଲେ ବଲାଙ୍ଗିର ଜିଲ୍ଲା ପୁଇଁତଳାର ଚମ୍ପକେଶ୍ୱର ବାରିକ ଏବଂ କନ୍ଧମାଳ ଜିଲ୍ଲା ଗୋଚ୍ଛାପଡ଼ା ଥାନା ଅଧୀନ ଟିକରାପଡ଼ାର ରାଜା ପ୍ରଧାନ। ଥାନା ଅଧିକାରୀ ବସୁଦେବ ଭୋଇଙ୍କ ନେତୃତ୍ୱରେ ପୁଲିସ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ଲୁଇସିଂ ଛକ ପାଖରରେ ଏମାନଙ୍କୁ କାବୁ କରିଥିଲା। ଏମାନଙ୍କ ପାଖରୁ ଏକ ବାଇକ୍ ସହ ୮ କେଜି ଜବତ ହୋଇଛି। ତହସିଲଦାର ଶ୍ୱେତପଦ୍ମା ଯୋଶୀଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା।

## ଖବର ପ୍ରକାଶ ପରେ ସଫା ହେଲା ଡ୍ରେନ୍

**ଶଗଡା, ୧୭ ।୩ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବରଗାଁ ପଞ୍ଚାୟତ ସୌରୀବେଙ୍ଗେସ ଗ୍ରାମରେ ଥିବା ସୋଲାର ପାନୀୟ ଜଳ ପ୍ରକଳ୍ପ ଡ୍ରେନ୍‌ରୁ ଶେଷରେ

**● 'ସକାଳ' ପ୍ରଭାବ**

ଆବର୍ଜନା ସଫା ହୋଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗ୍ରାମରେ ସ୍ୱଚ୍ଛ ଭାରତ ମିଶନ ଫେଲ୍ ମାରି ଥିବା ଲୋକେ ଅଭିଯୋଗ କରିଥିଲେ। ଏହି ପ୍ରକଳ୍ପ ଉପରେ ଗ୍ରାମରେ ୪୦ ପରିବାର ପିଇବା ପାଣି ଉପରେ ନିର୍ଭର କରନ୍ତି। ଡ୍ରେନ୍ ସଫା ହେଉ ନ ଥିବାରୁ ଦୁର୍ଗନ୍ଧ ହେଉଥିଲା। ଏଣୁ ଲୋକମାନେ ଏଠାରୁ ପାଣି



ନେବା ପାଇଁ ଉପଯୁକ୍ତ ମଣୁ ନ ଥିଲେ। ପ୍ରତି ବର୍ଷ ଗ୍ରାମର ସଫେଇ ପାଇଁ ଆର୍ଥିକ ସହାୟତା ଆସଛି। ଗାଁ କଲ୍ୟାଣୀ ସମିତି ଟଙ୍କା ଉଠାଇ ଆତ୍ମସାତ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ଯଥା ଶୀଘ୍ର ଡ୍ରେନ୍ ସଫା ଦିଗରେ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ଏ ନେଇ ଆଜି 'ସକାଳ'ରେ ଖବର ପ୍ରକାଶ ପାଇଲା ପରେ ତୁରନ୍ତ ଏହି ଡ୍ରେନ ସହ ଆଖପାଖ ପରିବେଶକୁ ସଫା କରାଯାଇଛି।

## ଶଗଡା ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ

**ଶଗଡା,୧୭ ।୩(ସମିସ):** ବୌଦ୍ଧ ଜିଲ୍ଲା ଶଗଡା ଅଞ୍ଚଳରେ ଆଜି ସନ୍ଧ୍ୟାରେ କାଳ ବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ଏହାର ପ୍ରଭାବରେ ଜୋରରେ ପବନ ବହିବା ସହ ବର୍ଷା ହୋଇଥିଲା। ଅନେକ ସ୍ଥାନରେ ପ୍ରବଳ କୁଆପଥର ମାଡ଼ ହୋଇଥିବା ଜଣା ପଡିଛି। କୁଆ ପଥର ମାଡ଼ରେ ଅନେକ ଫସଲ ନଷ୍ଟ ହୋଇଛି। ଅନେକ ଚାଳ ଛପର ଘର ମଧ୍ୟ ଭାଙ୍ଗି ନଷ୍ଟ ହୋଇ ଯାଇଛି।

## ହନୁମାନ ଜୟନ୍ତୀ ନିମନ୍ତେ ପ୍ରସ୍ତୁତି

**ବୌଦ୍ଧ,୧୭ ।୩(ସମିସ):** ବୌଦ୍ଧ ସହର ମହାନଦୀ ମଧ୍ୟରେ ଥିବା ଶ୍ରୀ ଶ୍ରୀ ସିଦ୍ଧ ହନୁମାନ ମନ୍ଦିରରେ ପ୍ରତିବର୍ଷ ପବିତ୍ର ଚୈତ୍ର ପୂର୍ଣ୍ଣିମାରେ ହନୁମାନଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯାଏ। ଆସନ୍ତା ଅପ୍ରେଲ ୨ ତାରିଖ ଏହି ହନୁମାନ ଜୟନ୍ତୀ ଅନୁଷ୍ଠିତ ହେବ।

ଏହି ଅବସରରେ ମାତଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସିଦ୍ଧ ହନୁମାନ ଉପଦେଷ୍ଟା ବୋର୍ଡର ସଭାପତି କୃତ୍ତିବାସ ପଲିଆଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ମାର୍ଗଦର୍ଶକ ଭାବେ ମନ୍ଦିର ପ୍ରତିଷ୍ଠାତା ସିଦ୍ଧ ସାଧୁ ମହୋନ ଦାସ ତ୍ୟାଗୀଙ୍କ ଶିଷ୍ୟ ରାମ ଦାସ ଜୀ ମହାରାଜ ଯୋଗ ଦେଇଥିଲେ। ଜୟନ୍ତୀ ପୂର୍ବ ଦିନ ଅଖଣ୍ଡ ନାମ ଜପ ହେବ ବୋଲି ନିଷ୍ପତ୍ତି ହୋଇଛି। ୧ ତାରିଖରେ କଳସ ପୂଜା ଓ ଅଖଣ୍ଡ ନାମ, ୨ରେ ଶୋଭାଯାତ୍ରା, ୧୦୮ ସାମୂହିକ ହନୁମାନ ଚାଳିଶା ପାଠ, ଘୃତଯଜ୍ଞ, ସୁନ୍ଦରକାଣ୍ଡ ପରାୟଣ, ପ୍ରବଚନ, କୀର୍ତ୍ତନ ଓ ଅନ୍ନ ଯଜ୍ଞ କାର୍ଯ୍ୟକ୍ରମ ରହିଛି। ଶନିବାର ସନ୍ଧ୍ୟାରେ ୧୦୮ ଆଳତୀ ହେବ। ବିଭିନ୍ନ ଆଲୋଚନାରେ ମନ୍ଦିର ପୂଜକ ବିଭୁତି ଶଙ୍କର ପାଢ଼ୀ, ଉପଦେଷ୍ଟା ଚିତ୍ତରଞ୍ଜନ ଦାଶ, ଅନିଲ ଦଲାଲ, ବିଶ୍ୱଜିତ ମିଶ୍ର, ଉପ ସଭାପତି ଶଙ୍କର ସାହୁ, କୋଷାଧ୍ୟକ୍ଷ ରାଧେଶ୍ୟାମ ସାହୁ, ସଦସ୍ୟ ବିଜୟ ଅଗ୍ରୱାଲ, ନାରାୟଣ ପ୍ରସାଦ ଅଗ୍ରୱାଲ, ପ୍ରତ୍ୟୁଷ ରଞ୍ଜନ ଦାନୀ, ଟୁନା ମେହେର, ଯୋଗେଶ ମେହେର, ରବୀନ୍ଦ୍ର ପଟ୍ଟନାୟକ, ସନ୍ତୋଷ ସାହୁ, ରାଜେନ୍ଦ୍ର ସାହୁ, ଶୁଭେନ୍ଦୁ ଶତପଥୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶେଷରେ ବରିଷ୍ଠ ସଦସ୍ୟ ଦେବାଶିଷ ପୁରୋହିତ କୃତଜ୍ଞତା ଜ୍ଞାପନ କରିଥିଲେ।

## କେଜିବିଭି ହଷ୍ଟେଲ୍ ପରିଚାଳନା ସମୀକ୍ଷା ବୈଠକ

**ବୌଦ୍ଧ,୧୭ ।୩(ସମିସ):** ବୌଦ୍ଧ ଜିଲ୍ଲାର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ହଷ୍ଟେଲ୍‌ଗୁଡ଼ିକର ସୁଚାରୁ ପରିଚାଳନା, ଛାତ୍ରୀମାନଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ଶିକ୍ଷାଗତ ଉନ୍ନତି ନିମନ୍ତେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଚେମଲାଲ ଦୁବେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଓ ରାଜଲକ୍ଷ୍ମୀ ପଣ୍ଡା ବୈଠକରେ ଉପସ୍ଥିତ ଥିଲେ।

## ପଶୁପକ୍ଷୀଙ୍କ ପାଇଁ ପାଣି ବ୍ୟବସ୍ଥା



**ବୀରମହାରାଜପୁର, ୧୭ ।୩ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍‌ନକାଡେଇଁରୁ ପାତାଳୀ ଯିବା ରାସ୍ତା ପାଶ୍ୱର୍ରେ ଥିବା ଗଛରେ ପଶୁପକ୍ଷୀଙ୍କ ପାଇଁ ଦୟା ସରବନି ଯୋଗ ଟ୍ରଷ୍ଟ ପାଣି ବ୍ୟବସ୍ଥା କରିଛି। ବଢୁଥିବା ଗ୍ରୀଷ୍ମ ତାପକୁ ଦୃଷ୍ଟିରେ ରଖି ଟ୍ରଷ୍ଟ ପକ୍ଷରୁ ୧୦୮ ମାଟି ପାତ୍ରରେ ପାଣି ଭରି ଗଛ ଶାଖାରେ ବାନ୍ଧି ପକ୍ଷୀମାନଙ୍କ ପାଇଁ ସୁବିଧା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ପ୍ରକୃତି ବନ୍ଧୁ ଡ. ହୃଷୀକେଶ ଦେହେରି, ଟ୍ରଷ୍ଟର ଉପଦେଷ୍ଟା ଧର୍ମନିରଞ୍ଜନ ପଣ୍ଡା, ପ୍ରମୋଦ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପରତଲାରେ ଅଷ୍ଟପ୍ରହର ନାମଯଜ୍ଞ



**ଶଗଡା,୧୭ ।୩(ସମିସ):** କଣ୍ଟାମାଳ ବ୍ଲକ୍ ଦପଲା ଗାଁର ପରତଲାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ନିକଟସ୍ଥ ନାଳରୁ ପାଣି ଯଜ୍ଞ ସ୍ଥଳକୁ ଆଣିଲା ପରେ ଅଧିବାସ ଆରମ୍ଭ ହୋଇଥିଲା। ସକାଳୁ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏହି ଯଜ୍ଞରେ କର୍ତ୍ତା ଭାବେ ଚିତ୍ରସେନ କଲତା ଓ ଲକ୍ଷ୍ମୀ କର୍ମୀ ସପତ୍ନୀକ ଦାୟିତ୍ୱ ବହନ କରିଛନ୍ତି। ହରିହର ବିଶି ପୂଜକ ଦାୟିତ୍ୱ ସମ୍ପାଦନ କରିଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ।

## ବୌଦ୍ଧ ଜଗନ୍ନାଥ ମନ୍ଦିରରେ ବ୍ରତୋପନୟନ

**ବୌଦ୍ଧ,୧୭ ।୩(ସମିସ):** ବୌଦ୍ଧସ୍ଥିତ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପରିସରରେ ଶ୍ରୀ ଲକ୍ଷ୍ମୀ ବସୁଦେବ ବୈଦିକ ପଣ୍ଡିତ ସଙ୍ଗଠନ ପକ୍ଷରୁ ବାର୍ଷିକ ଉତ୍ସବ ଉପଲକ୍ଷେ ଗଣ ବ୍ରତୋପନୟନ ଆୟୋଜିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୪ ଜଣ ବ୍ରାହ୍ମଣ ବାଳକକୁ ବ୍ରତୋପନୟନ କରାଯାଇଥିଲା। ଲକ୍ଷ୍ମୀ ବାସୁଦେବ ବୈଦିକ ପଣ୍ଡିତ ସଙ୍ଗଠନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ।



## ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ

**ବୌଦ୍ଧ,୧୭ ।୩(ସମିସ):** ବୌଦ୍ଧ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ କାର୍ଯ୍ୟ କରୁଥିବା ଆଉଟ୍ ସୋର୍ସି କର୍ମଚାରୀମାନେ ଅଢେଇ ଘଣ୍ଟା କାର୍ଯ୍ୟ ବନ୍ଦ କରି ଡାକ୍ତର ଖାନା ସମ୍ମୁଖରେ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଓଡ଼ିଶା ସରକାରୀ ଆଉଟ୍ ସୋର୍ସି କର୍ମଚାରୀ ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ବିଧାନସଭା ଆଗରେ ଆନ୍ଦୋଳନ ଚାଲିଛି। ସରକାର



ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ କରୁ ନ ଥିବା ହେତୁ ଏମାନେ ପ୍ରତିବାଦ ପ୍ରଦର୍ଶନ କରିଥିଲେ।

ବିଭିନ୍ନ ସରକାରୀ ଡାକ୍ତରଖାନାରେ ଜରୁରୀ ସେବାରେ ଥିବା ଆଉଟ୍ ସୋର୍ସି କର୍ମଚାରୀମାନେ ସୋମବାର ଓ ଆଜି ସକାଳ ୯ରୁ ୧୧ଟା ୩୦ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ କରି ପ୍ରତିବାଦ ପ୍ରଦର୍ଶନ କରିଥିଲେ।

## ସାମ୍ବାଦିକ ମୁକେଶ ଭୋଇଙ୍କ ପିତୃ ବିୟୋଗ

**ଡୁଙ୍ଗୁରିପାଲି,୧୭ ।୩ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ସାମ୍ବାଦିକ ସଂଘର ସମ୍ପାଦକ ମୁକେଶ ଭୋଇଙ୍କ ପିତା କପିଳ ଭୋଇ (୭୨)ଙ୍କ ଆଜି ଦେହାନ୍ତ ହୋଇଯାଇଛି। ସେ ଗତ କିଛି ଦିନ ହେବ ଭୁବନେଶ୍ୱରରେ ଚିକିତ୍ସିତ ହୋଇ ଆଜି ନିଜ ଘରକୁ ସୁସ୍ଥ ହୋଇ ଫେରିଥିଲେ। ଅପରାହ୍ନରେ ଛାତିରେ ହଠାତ ଯନ୍ତ୍ରଣା ହେବାରୁ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ନିକଟସ୍ଥ ଶ୍ମଶାନରେ ଶବଦାହ କରାଯାଇଛି। ବଡ଼ ପୁଅ ମୁକେଶ ମୁଖାଗ୍ନି ଦେଇଥିଲେ।



## ନବୋଦୟ ବିଦ୍ୟାଳୟରେ ଯୁବ ସଂସଦ କାର୍ଯ୍ୟକ୍ରମ



**ଜହ୍ନାପଙ୍କ,୧୭ ।୩(ସମିସ):** ପାଲଝରସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଯୁବ ସଂସଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ବୌଦ୍ଧ ଅତିରିକ୍ତ ତହସିଲଦାର କୁମୁଦ ଚନ୍ଦ୍ର ଦଳବେହେରା, ସହ ବ୍ଲକ୍ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରହ୍ମଦେଓ ପ୍ରସାଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଅରୁଣ ମହାନ୍ତଙ୍କନିର୍ଦ୍ଦେଶନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ତାଲିମ୍ ନେଲେ ପାରାଲିଗାଲ୍ ସ୍ୱେଚ୍ଛାସେବୀ

**ତରଭା, ୧୭ ।୩ (ସମିସ):** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଇନ ସେବାରେ ନିୟୋଜିତ ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କ ପାଇଁ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ମଙ୍ଗଳବାର ଏହା ଆୟୋଜିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସ୍ୱେଚ୍ଛାସେବୀଙ୍କୁ ଆଇନ ପ୍ରକ୍ରିୟା ସହ ସାମାଜିକ ଦୃଷ୍ଟିକୋଣରେ ସଚେତନ କରିବା। ବିଶେଷକରି ବାଲ୍ୟ ଅପରାଧୀମାନଙ୍କ ପ୍ରତି ବ୍ୟବହାର ଓ ପରାମର୍ଶ ବା କାଉନସେଲିଙ୍ଗ ପ୍ରକ୍ରିୟା ବିଷୟରେ ତଥ୍ୟ ଦିଆଯାଇଥିଲା। ଏହି ଅବସରରେ ଡିଏସପି ରେଣୁକା ସୁନା ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ




ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ପରିଚାଳନା କରିଥିଲେ। ୟୁନିସେଫ ଶିଶୁ ସୁରକ୍ଷା ପରାମର୍ଶଦାତା ଘାସିରାମ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଜୁଭେନାଇଲ ଜଷ୍ଟିସ ଆକ୍ଟ ଅନୁଯାୟୀ ଶିଶୁ ଅପରାଧ ସମ୍ବନ୍ଧୀୟ ନିୟମ, ଦଣ୍ଡବିଧାନ ବା ସଜା ପ୍ରକ୍ରିୟା ଓ ସୁଧାର ଗୃହର ପ୍ରାବଧାନ ବିଷୟରେ ସ୍ୱେଚ୍ଛାସେବୀଙ୍କୁ ବିସ୍ତୃତ ଭାବେ ବୁଝାଯାଇଥିଲା।

## କଣ୍ଟାମାଳରେ ଷ୍ଟାଡିୟମ ପାଇଁ ଜିଲ୍ଲାପାଳଙ୍କୁ ଦାବି




**କଣ୍ଟାମାଳ,୧୭ ।୩ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ମୁଖ୍ୟାଳୟରେ ଏକ ଷ୍ଟାଡିୟମ ନିର୍ମାଣ ଲାଗି ଦାବି ଜୋର୍ ଧରିଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାଏକଙ୍କୁ ଏ ନେଇ ଏକ ଦରଖାସ୍ତ ଦିଆଯାଇଛି। କଣ୍ଟାମାଳର ଯଦୁବିହାରୀ ବାଘଙ୍କ ନେତୃତ୍ୱରେ ବସ୍‌ଷ୍ଟାଣ୍ଡଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। ହାଟପଦା ଦେଇ ସମସ୍ତେ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ଲକ୍ଷ୍ମଣ ବାରିକ, ଶୁକ୍ ମଙ୍ଗରାଜ, ସୁଶାନ୍ତ ମଲିକ୍, ଶମ୍ଭୁପ୍ରସାଦ ସାହୁ, ପ୍ରେମ ରଞ୍ଜନ ନାଏକ, ସନ୍ତୋଷ ବେହେରା, ରାଧାବଲ୍ଲଭ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ବୌଦ୍ଧ,୧୭ ।୩(ସମିସ):** ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ଅଧୀନ ଦନ୍ତାପାଲି ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କଣ୍ଟାମାଳ ଥାନା ଲମ୍ବସରୀ ପଞ୍ଚାୟତ ଅଧୀନ ଟୁରିଦେଉଳ ଗ୍ରାମର କୈଳାସ ଅମାତଙ୍କ ମୃତ୍ୟୁ ଘଟିଛି। ବୌଦ୍ଧ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପୁଲିସ ତାଙ୍କ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି। ସେ ତାଙ୍କର ଜଣେ ସମ୍ପର୍କୀୟଙ୍କ ସହ ଏକ ବାଇକରେ ବୌଦ୍ଧ ଆଡକୁ ଆସୁଥିବା ବେଳେ ଦନ୍ତାପାଲି ନିକଟରେ ଅନ୍ୟ ଏକ ବାଇକ ସହ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବାଉଁଶୁଣୀ ଡାକ୍ତରଖାନା ଆଣିଥିଲେ। କୈଳାସଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ପୂର୍ବ ଶତ୍ରୁତାରୁ ଘର ପୋଡ଼ିଦେଲେ



**ବୌଦ୍ଧ,୧୭ ।୩ (ସମିସ):** ବୌଦ୍ଧ ବ୍ଲକ୍ ଆମ୍ବଝରି ପଞ୍ଚାୟତ କୁତକୁର ଗ୍ରାମର ଲଖିନ୍ଦ୍ର ମୁଖୀଙ୍କ ଘରକୁ କେହି ପୂର୍ବ ଶତ୍ରୁତାକୁ ନେଇ ପୋଡ଼ି ଦେଇଛି। ତାଙ୍କର ୩ ବଖରା ଘର ଜଳି ଯାଇଛି। ଏ ନେଇ ସେ ବୌଦ୍ଧ ଥାନାରେ ଅଭିଯୋଗ କରିଛନ୍ତି। ରାତିରେ ସେ ପରିବାର ସହ ଶୋଇଥିବା ବେଳେ ତାଙ୍କ ଘରେ କେହି ନିଆଁ ଲଗାଇ ଦେଇଥିଲା ଘରେ ଥିବା ନଗଦ ଟଙ୍କା, ଆସବାବ ପତ୍ର, ଖାଦ୍ୟ ଶସ୍ୟ ଓ ଲୁଗା ପଟା ପୋଡି ଯାଇଥିଲା। ବୌଦ୍ଧ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ।

## ଟ୍ରକ୍ ଧକ୍କାରେ କାର୍ ଚୁର୍‌ମାର୍

**ବୌଦ୍ଧ,୧୭ ।୩(ସମିସ):** ପୁରୁଣାକଟକ ହାଇସ୍କୁଲ ନିକଟରେ ଏକ କାର୍ ଓ ଗୋଟିଏ ଟ୍ରକ୍ ମଧ୍ୟରେ ଧକ୍କା ହୋଇଛି।ଆଜି ସକାଳ ୬ଟାରେ ଗୋଟିଏ



କାର ଫୁଲବାଣୀ ପଟୁ ବୌଦ୍ଧ ଆଡକୁ ଆସୁଥିବା ବେଳେ ଜାତୀୟ ରାଜପଥର ପୁରୁଣାକଟକ ହାଇସ୍କୁଲ ନିକଟରେ ସାମ୍ନାରୁ ଆସୁଥିବା ଏକ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏହା ଫଳରେ କାରରେ ଥିବା ୩ ଯାତ୍ରୀ ଗୁରୁତର ହୋଇଥିଲେ। ଏମାନଙ୍କୁ ପୁରୁଣାକଟକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ବିହାରର ବିକ୍ରମ ସିଂ ନାମକ ଜଣେ ବ୍ୟକ୍ତିଙ୍କ ଅବସ୍ଥା ଗୁରୁତର ଥିବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ଓ ପରେ ବୌଦ୍ଧରୁ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ପୁରୁଣା କଟକ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଟ୍ରକ୍ ଓ କାର୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ସ୍କୁଟିରୁ ୨୨ କେଜି ଗଞ୍ଜେଇ ଜବତ

**ବୌଦ୍ଧ,୧୭ ।୩(ସମିସ):** ବାଉଁଶୁଣୀ ଥାନା ପୁଲିସ ଏକ ସ୍କୁଟିରୁ ୨୨ କେଜି ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ବାଉଁଶୁଣୀ ପୁଲିସର ଏକ ଟିମ୍ ଅଁଳାଝୁଲି ଗ୍ରାମ ନିକଟରେ ଚଢଉ କରି ଏହା ଧରିଥିଲା। ଏହି ଘଟଣାରେ ଜଣେ ଗିରଫ ହୋଇଛି। ଏ ସମ୍ପର୍କରେ ବାଉଁଶୁଣୀ ଥାନାରେ ଏକ ମାମଲା ରୁଜୁ ହୋଇଛି।





ଅଦିନିଆ ବର୍ଷାରେ ସିନାପାଲି ସହରର ଅବସ୍ଥା ବେହାଲ

### ପର୍ଯ୍ୟଟନସ୍ଥଳ ଡୋକରୀ ଚଞ୍ଚରା ବିବାଦ ଘଟଣା

# କମିଟି ସହ ପ୍ରଶାସନର ଆଲୋଚନା;ବାହାରିଲାନି ନିଷ୍କର୍ଷ

● ଜିଦରେ ଅଟଳ ଉଭୟ ପରିଚାଳନା କମିଟି

● ରାମ ନବମୀ ପୂଜାକାର୍ଯ୍ୟ ତୁଲାଇବ ପ୍ରଶାସନ

କୋକସରା, ୧୭ ।୩(ସମିସ)

ପ୍ରାକ୍ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତର ଖଲିଗଡ଼ ସ୍ଥିତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ପାଦଦେଶରେ ରହିଛି କଳାହାଣ୍ଡିର ଅନ୍ୟତମ ପର୍ଯ୍ୟଟନସ୍ଥଳି ଗୁଡ଼ହାଣ୍ଡି ଡୋକରୀ ଚଞ୍ଚରା। ତେବେ ଏହି ପର୍ଯ୍ୟଟନସ୍ଥଳୀ ପରିଚାଳନାକୁ ନେଇ ଗତ ରାମନବମୀ ମହୋତ୍ସବ ପୂର୍ବରୁ ଅନେକ ବାଦ୍ ବିବାଦ ଦେଖାଦେଇଛି। ଏମିତି କି ଦୁଇ କମିଟି ମଧ୍ୟରେ ଉପୁଜିଥିବା ବିବାଦ ଉଚ୍ଚ ନ୍ୟାୟାଳୟରେ ଦାୟର ହୋଇ ବର୍ତ୍ତମାନ ବିଚାରାଧୀନ ରହିଛି। ତେବେ ଏହି ବିବାଦ ଘଟଣାକୁ ନେଇ ପ୍ରଶାସନ ଦ୍ୱିତୀୟ ଥର ପାଇଁ ଉଭୟ କମିଟି ସହ ଆଲୋଚନା କରିଛି।ହେଲେ କୌଣସି ନିଷ୍କର୍ଷ ବାହାରି ପାରୁନାହିଁ। ପୂର୍ବରୁ ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ ସମିତି ଡୋକରୀ ଚଞ୍ଚରା ପର୍ଯ୍ୟଟନସ୍ଥଳୀକୁ ପରିଚାଳନା କରିବା ସହ ବିଭିନ୍ନ ଯାନିଯାତ୍ରା କରି ଆସୁଥିଲା। ବିବାଦ ଦେଖାଦେବା ପରଠାରୁ ବନ ବିଭାଗ ଦ୍ୱାରା ଗଠିତ ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ କମିଟି (ଇଟିଜି) ବର୍ଷେରୁ ଊର୍ଦ୍ଧ୍ୱ ହେବ ଗତ ରାମନବମୀ ଓ ଗୁଡହାଣ୍ଡି ମହୋତ୍ସବ ସମୟରୁ ବିଭିନ୍ନ ଯାନିଯାତ୍ରା କରି ଆସୁଛି। ଏହା ପରେ ମଧ୍ୟ ବିଭିନ୍ନ ସମୟରେ ଉଭୟ କମିଟିର ବାଦ୍ ବିବାଦ ଲାଗି ରହିଛି। ଏହାକୁ ନେଇ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ଗତ ବର୍ଷ କୋକସରା ବ୍ଲକ ସଭାଗୃହଠାରେ ପ୍ରଶାସନ ସହିତ ଦୁଇ କମିଟି ଡୋକରୀ ଚଞ୍ଚରା ଉନ୍ନୟନ ସମିତି ଓ ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ କମିଟି (ଇଟିଜି) ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇ ସ୍ୱତନ୍ତ୍ର ଭାବରେ ଆଲୋଚନା ହୋଇଥିଲା। ସେତେବେଳେ ମଧ୍ୟ ଉଭୟ କମିଟି ପକ୍ଷରୁ ମତାମତ ରଖିବା ପରେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନଥିବାରୁ ପରବର୍ତ୍ତୀ ସମୟରେ ଦୁଇ କମିଟି ପକ୍ଷରୁ ନିଜ ନିଜ ମଧ୍ୟରେ ଏକ ଆଲୋଚନା ପରେ ଆଗକୁ ପ୍ରଶାସନ ସହିତ ପୁନଃ ବୈଠକ କରି ଏକ ନୂତନ କମିଟି ଗଠନ କରାଯିବା ନେଇ ଆଲୋଚନା ହୋଇଥିବା। ତେବେ ମଙ୍ଗଳବାର ଦ୍ୱିତୀୟ ଥର ପାଇଁ ପ୍ରଶାସନ ଉଭୟ କମିଟି କୁ ନେଇ କୋକସରା ବ୍ଲକ ସଭାଗୃହଠାରେ ଆଲୋଚନା କରାଯାଇଥିଲା। ମାନ୍ୟବର ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ କଳାହାଣ୍ଡି ଏଡିଏମ୍ ତନ୍ମୟ ଦରୱାନ ବୈଠକର ଅଧ୍ୟକ୍ଷତା କରିଥିଲେ। ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀ, ତହସିଲଦାର ଚୌଡଗଙ୍ଗ ପ୍ରଧାନ, ଆମପାଣି ଥାନା ଏସ୍ଆଇ ଇଶ୍ୱର ଚନ୍ଦ୍ର ଶିର୍କା, ବନ ବିଭାଗ ପକ୍ଷରୁ ଆମପାଣି ଫରେଷ୍ଟ ରାଜେନ୍ଦ୍ର ନାଏକ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଏଡିଏମ୍ ଶ୍ରୀଦରୱାନ ଉଭୟ କମିଟି ସଦସ୍ୟଙ୍କ ମତାମତ ଲୋଡିବା ସହ ଆଲୋଚନା ଆରମ୍ଭ କରିଥିଲେ। କୌଣସି ଦଳ ଏକ ଚାକିଆ କରି ପାରିବେ ନାହିଁ ବୋଲି ଉଚ୍ଚ ନ୍ୟାୟାଳୟ ଆଦେଶ ଦେଇଥିବା ଏଡିଏମ୍ କହିଥିଲେ। ପୂର୍ବରୁ ପରିଚାଳନା କରୁଥିବା ଡୋକରୀ ଚଞ୍ଚରା ଉନ୍ନୟନ ସମିତି ସମସ୍ତେ ମିଳିମିଶି ପରିଚାଳନା କରିବା ପାଇଁ ସହମତି ପ୍ରକାଶ କରିଥିଲେ। ତେବେ ବର୍ତ୍ତମାନ ପରିଚାଳନା କରୁଥିବା କମିଟି ଏହି କଥାରେ ସହମତି ପ୍ରକାଶ କରି ନଥିଲେ ଏବଂ ମିଳିତଭାବରେ କାମ କରିବା ପାଇଁ ନାରାଜ ହୋଇଥିଲେ। ପରେ ପ୍ରଶାସନ ସେମାନଙ୍କ ଠାରୁ ଲିଖିତ ପତ୍ର ନେଇଥିଲେ। ଉଭୟ କମିଟି ନିଜ ନିଜ ଜିଦରେ ଅଟଳ ରହିଥିବାବେଳେ ଆଲୋଚନାରେ କୌଣସି ନିଷ୍କର୍ଷ ବାହାରି ପାରି ନ ଥିବାରୁ ଆଗାମୀ ଦିନରେ ହେବାକୁ ଥିବା ରାମ ନବମୀ ପୂଜାକାର୍ଯ୍ୟ ପ୍ରଶାସନ ତୁଲାଇବ ବୋଲି ଏଡିଏମ୍ ଶ୍ରୀଦରୱାନ କହିଥିଲେ। ବୈଠକରେ ଉଭୟ କମିଟିର କର୍ମକର୍ତ୍ତା ସାମିଲ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟପଟେ ଦୁଇ କମିଟର ବାଦ ବିବାଦ ଯୋଗୁଁ ଏହି ଐତିହାସିକ ପର୍ଯ୍ୟଟନସ୍ଥଳୀ ଅପମାନ ମୁଣ୍ଡାଇବାରେ ଲାଗିଛି। ତେଣୁ ଏହାର ପରିଚାଳନା ଲାଗି ବ୍ଲକସ୍ତରୀୟ କମିଟି କିମ୍ବା ଟ୍ରଷ୍ଟ ବୋର୍ଡ ଗଠନ କରିବା ପାଇଁ କୋକସରା ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିଛନ୍ତି।

# ପୂର୍ତ୍ତ ରାସ୍ତା ନିର୍ମାଣରେ ଅନିୟମିତତା

**ଲାଞ୍ଜିଗଡ଼, ୧୭ ।୩(ସମିସ):** କଳାହାଣ୍ଡି ଜିଲ୍ଲା ଛତିକୁଡ଼ାରୁ ନର୍ଲା ଓ କଦଳିଘାଟିରୁ କିଡିଙ୍ଗ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ରାସ୍ତା ଅତ୍ୟନ୍ତ ନିମ୍ନମାନର ଅଭିଯୋଗ ହେଉଛି। କଳାହାଣ୍ଡି ଜିଲ୍ଲା ପୂର୍ତ୍ତ ବିଭାଗ ପକ୍ଷରୁ କୋଟିକୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ରାସ୍ତାରେ ବ୍ୟାପକଅନିୟମିତତା ହେଉଥିବା ନେଇ ଅଭିଯୋଗ ହେଉଥିବା ବେଳେ ବିଭାଗ ନୀରବଦ୍ରଷ୍ଟା ସାଜିବା ଚର୍ଚ୍ଚାର ବିଷୟ। ସୂଚନା ଅନୁଯାୟୀ, କଳାହାଣ୍ଡି ରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥ ଓ ଛତିକୁଡ଼ାରୁ ମ. ରାମପୁରକୁ ସଂଯୋଗ କରୁଥିବା ୬(କ) ରାଜ୍ୟ ରାଜପଥରେ ଏବେ ନୂତନ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ପରେ କାର୍ଯ୍ୟ ଆରମ୍ଭ ହୋଇଛି। ଚାରି ଲେନ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ସବୁ ପ୍ରକାର ପ୍ରସ୍ତୁତି ସରିଥିବା ବେଳେ କିଛି ଯାଗାରେ ଅତ୍ୟନ୍ତ ନିମ୍ନମାନର କାମ ଯୋଗୁଁ ଏହାର ସ୍ଥାୟିତ୍ୱ ପ୍ରତି ସନ୍ଦେହ ସୃଷ୍ଟି ହୋଇଛି। କେତେକ ସ୍ଥାନରେ ପିଚୁ କାମ ହୋଇନଥିବା ବେଳେ ଧୂଳିଧୂଆଁର ଲୋକେ ଅତିଷ୍ଠ ହେଉଛନ୍ତି। କେବଳ ସେତିକି ନୁହେଁ ଯେଉଁ ସ୍ଥାନରେ ପିଚୁ ହୋଇନାହିଁ ସେହି ସ୍ଥାନରେ ଗାତ ସୃଷ୍ଟି ହୋଇ ପଥଚାରୀ ଦୁର୍ଘଟଣାର ଶୀକାର ହେଉଥିବା ଦେଖିବାକୁ ମିଳିଛି। ତେବେ ନିମ୍ନମାନର ରାସ୍ତା, ପୋଲ ଓ ଗାର୍ଡୱାଲ କାମ ସହିତ ଅତି ହାଲୁକା ଡିଭାଇଡ଼ର ନିର୍ମାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ଏପରିକି ନିର୍ମାଣ ନସରୁଣୁ ଡିଭାଇଡ଼ର ସବୁ ଭାଙ୍ଗି ପଡୁଥିବା ବେଳେ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି।ଛତିକୁଡ଼ା-ନର୍ଲା ଓ କଦଳୀଘାଟି-କିଡିଙ୍ଗରେ ଚାଲିଥିବା ରାସ୍ତା, ପୋଲ, ଗାର୍ଡୱାଲ ନିର୍ମାଣର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି।



# ‘ଆନାପାନ’ ଧ୍ୟାନ ଓ ମାନସିକ ଏକାଗ୍ରତା ଶିବିର

**ନୂଆପଡ଼ା, ୧୭ ।୩(ସମିସ):** ନୂଆପଡ଼ା ଇନଡୋର ଷ୍ଟାଡିୟମରେ ନୂଆପଡ଼ା ପୁଲିସ ପକ୍ଷରୁ ‘ଆନାପାନ’ ଆଧାରିତ ଧ୍ୟାନ ଓ ମାନସିକ ଏକାଗ୍ରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ଏସଡିପିଓ ଖିରେଶ୍ୱର ସାହୁ, ମର୍ଶିରାଣୀ ପୂର୍ତ୍ତି, ସ୍ୱାଧୀନ ମିଶ୍ର, ଉପେନ୍ଦ୍ର ପ୍ରଧାନ, ନୂଆପଡ଼ା ଥାନାଧିକାରୀ ଗଙ୍ଗାଧର ମେହେର, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଓ ଜିଲ୍ଲା ଆରକ୍ଷୀ ବାହିନୀର ଶତାଧିକ ଯବାନ, ବିଭିନ୍ନ ବିଭାଗର ଅଧିକାରୀ ଓ ନାଗରିକମାନେ ଯୋଗ ଦେଇଥିଲେ। ଯୋଗଗୁରୁ ଭାନୁଜୀ ମେହେଟା (ରାଜକୋଟ) ଏବଂ ଧମ୍ମ ଉତ୍କଳ ବିପଶ୍ୟନା କେନ୍ଦ୍ର ଚନାବେଡ଼ାର ନିର୍ଦ୍ଦେଶିକା ରାଜେଶ୍ୱରୀଙ୍କ ତତ୍ତ୍ୱାବଧାନରେ ସମସ୍ତଙ୍କୁ ବିପଶ୍ୟନା ଧ୍ୟାନ ସାଧନାର ଅଭ୍ୟାସ କରାଯାଇଥିଲା। ଗୁରୁଜୀମାନେ ମତ ପ୍ରକାଶ କରିଥିଲେ ଯେ, ମାନସିକ ଏକାଗ୍ରତା ଜୀବନକୁ ସନ୍ତୁଳିତ ଓ ସୁସଂଗଠିତ କରିବାରେ ସହାୟକ ହୁଏ। ଏହା ଦ୍ୱାରା କ୍ରୋଧ, ଲୋଭ, ଭୟ, ଚିନ୍ତା ଓ ମାନସିକ ଚାପରୁ ମୁକ୍ତି ମିଳିଥାଏ ଓ ମନର ଶାନ୍ତି ବଜାୟ ରହେ।ବିପଶ୍ୟନା ଧ୍ୟାନକୁ ଭାରତର ଏକ ପ୍ରାଚୀନ ଏବଂ ବୈଜ୍ଞାନିକ ସାଧନା ପଦ୍ଧତି ବୋଲି ବର୍ଣ୍ଣନା କରାଯାଇଥିଲା। ଏହା ଆତ୍ମନିରୀକ୍ଷଣ ଦ୍ୱାରା ଆତ୍ମଶୁଦ୍ଧି ସାଧନ କରି ଜୀବନକୁ ସରଳ, ସଂଯମିତ ଓ ସୁଖମୟ କରିଥାଏ। ଏହି ଅବସରରେ ବିପଶ୍ୟନା ଧ୍ୟାନ ଶିକ୍ଷା ପାଇଁ ନିୟମିତ ଭାବରେ୧୦ ଦିନିଆ ନିଃଶୁଳ୍କ ଆବାସିକ ଶିବିର ସ୍ଥାନୀୟ ଚନାବେଡା ଆଶ୍ରମରେ ଆୟୋଜିତ ହେଉଥିବା ନିର୍ଦ୍ଦେଶିକା କହିଥିଲେ। ଆରକ୍ଷୀ ଅଧିକ୍ଷକ କହିଲେ ଯେ ଶ୍ୱାସକ୍ରିୟାର ସଠିକ୍ ନିୟନ୍ତ୍ରଣ ଦ୍ୱାରା ଜୀବନରେ ଅଭୂତପୂର୍ବ ସଫଳତା ଓ ଶାନ୍ତି ମିଳିପାରେ। ଆରକ୍ଷୀ ବାହିନୀ ସବୁବେଳେ ଶାରୀରିକ ଓ ମାନସିକ ଚାପଗ୍ରସ୍ତ ରହୁଥିବାରୁ ଯୋଗ, ଧ୍ୟାନ ଓ ଉପାସନା ସେମାନଙ୍କ ଜୀବନଚର୍ଯ୍ୟାରେ ନିୟମିତ ସାମିଲ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା।



# ‘ସୁଭଦ୍ରା’ ଶକ୍ତି ମେଳା ଉଦ୍‌ଯାପିତ

**ନୂଆପଡ଼ା, ୧୭ ।୩(ସମିସ):** ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ‘ସୁଭଦ୍ରା ଶକ୍ତି ମେଳା୨୦୨୬’ର ସପ୍ତମ ତଥା ଉଦ୍‌ଯାପନୀ ଉତ୍ସାହ ନ୍ୟାସନାଲ କଲେଜ ମେଳା ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମାର୍ଚ୍ଚ ୧୦ରୁ ୧୬ ପର୍ଯ୍ୟନ୍ତ ଚାଲିଥିବା ମେଳାରେ ଜିଲ୍ଲା ସହିତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୨୦ଟି ଷ୍ଟଲ ପଡ଼ି ଥିଲା। ମେଳାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ସ୍ୱୟଂସହାୟକ ଗୋଷ୍ଠୀମାନେ ନିଜସ୍ୱ ଉତ୍ପାଦିତ ହସ୍ତଶିଳ୍ପ, ଖାଦ୍ୟପଦାର୍ଥ ଓ ଗ୍ରାମୀଣ ଉତ୍ପାଦନଗୁଡ଼ିକୁ ପ୍ରଦର୍ଶନ ଓ ବିକ୍ରୟ କରି ଭଲ ରୋଜଗାର କରିଥିଲେ। ଜନସାଧାରଣଙ୍କ ବିପୁଳ ଭିଡ଼ ଓ ସହଭାଗିତା ମେଳାକୁ ସଫଳ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଧନେଶ୍ୱର ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା ଓ ପୁଷ୍ପାଞ୍ଜଳୀ ଗୁଆଲ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ସଭାରେ ବିଭିନ୍ନ ଶ୍ରେଣୀରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ବିଭାଗ ଓ ଷ୍ଟଲମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।ଲାଇନ ଡିପାର୍ଟମେଣ୍ଟରେ ନୂଆପଡ଼ା ଆରଟିଓ ବିଭାଗ ପ୍ରଥମ, ଜିଲ୍ଲା ସମାଜ ସୁରକ୍ଷା ବିଭାଗ ଦ୍ୱିତୀୟ ଓ ଜିଲ୍ଲା ଶିକ୍ଷା ବିଭାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହାପରେ ରାଉରକେଲାର ଓଡ଼ିଶୀ ଦଳ, ମା ମାଉଳି ଘୁମୁରାଦଳ କୁଶମାଳ, ୟୁଜିଏଚଏସ ଧୋବେଇ, ସରକାରୀ ଉଚ୍ଚ ବିଦ୍ୟାଳୟ ଆମନାରାର ଛାତ୍ରୀମାନେ ଏବଂ ସ୍ୱର ସିଙ୍ଗାର ଟାନ୍ ୱାଟର କଳାକାରମାନେ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଷ୍ଟାର ନାଇଟରେ ବିଶିଷ୍ଟ ସମ୍ବଲପୁରୀ ଗାୟକ ରକ୍ସ ସୁନା ଏବଂ ସାଥୀ ଦର୍ଶକମାନଙ୍କୁ ମେଲୋଡିରେ ବିମୋହିତ କରିଥିଲେ।ଜିଲ୍ଲାପାଳ ମଧୁସୂଦନ ଦାଶ ମେଳାର ସଫଳ ଆୟୋଜନ ପାଇଁ ସମସ୍ତ ଜିଲ୍ଲାବାସୀ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ସମ୍ପୃକ୍ତ ବିଭାଗମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ମେଳା ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କର ଆ।ନିର୍ଭରତା ଓ ଉଦ୍ୟମିତାକୁ ଆହୁରି ପ୍ରୋତ୍ସାହନ ଯୋଗାଇବା ସହିତ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି କହିଛନ୍ତି।




# ଷ୍ଟ୍ରିଟ୍ ଲାଇଟ୍ ଲଗାଇବାକୁ ଦାବି

**କୋମନା, ୧୭ ।୩(ସମିସ):** କରୁଙ୍ଗାଭଟାର ନାୟକପଡ଼ା ଏବଂ କଲୋନୀପଡ଼ା ମଧ୍ୟବର୍ତ୍ତୀ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ବା ଆଲୁଅର ବ୍ୟବସ୍ଥା ନଥିବାରୁ ସ୍ଥାନୀୟବାସିନ୍ଦା, ବିଶେଷ କରି ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ଧାର ରାସ୍ତାରେ ଯିବା ଆସିବା ପାଇଁ ପିଲାମାନେ ବାଧ ହେଉଛନ୍ତି।ସ୍ଥାନୀୟଲୋକଙ୍କ କହିବା ଅନୁଯାୟୀ, ଏହି ମୁଖ୍ୟ ରାସ୍ତାରେ ଆଲୋକର କୌଣସି ସୁବିଧା ନାହିଁ। ସନ୍ଧ୍ୟା ହେବା ମାତ୍ରେ ସମ୍ପୂର୍ଣ୍ଣ ଅଞ୍ଚଳ ଅନ୍ଧାର ହୋଇଯାଉଛି। ଏହି ରାସ୍ତା ଦେଇ ଗାଁର ଛୋଟଛୋଟ ପିଲାମାନେ ଟ୍ୟୁସନ୍ ଏବଂ ସ୍କୁଲ୍ ଯିବା ଆସିବା କରନ୍ତି। ଅନ୍ଧାର ଯୋଗୁଁ ପିଲାମାନେ ଭୟଭୀତ ହେବା ସହ ଯେ କୌଣସି ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ରାସ୍ତାରେ ତୁରନ୍ତ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଉ ବୋଲି ଗ୍ରାମବାସୀ ପ୍ରଶାସନ ଏବଂ ସରକାରଙ୍କୁ ଅନୁରୋଧ କରିଛନ୍ତି।ଷ୍ଟ୍ରିଟ୍ ଲାଇଟ୍ ଲାଗିଲେ ପିଲାମାନେ ସୁବିଧାରେ ଟ୍ୟୁସନ୍ ଏବଂ ସ୍କୁଲ୍ ଯାଇପାରିବେ।ରାତି ସମୟରେ ଚୋରି କିମ୍ବା ଅନ୍ୟାନ୍ୟ ଅଘଟଣ ଉପରେ ରୋକ୍ ଲାଗିପାରିବ। ଗାଁର ସୁରକ୍ଷା ବ୍ୟବସ୍ଥା ମଧ୍ୟ ସୁଦୃଢ଼ ହେବ।



# ଜନଗଣନା ପର୍ଯ୍ୟବେକ୍ଷକଙ୍କ ତାଲିମ ଶିଶିର

**ଥୁଆମୂଳରାମପୁର, ୧୭ ।୩(ସମିସ):** ଆସନ୍ତା ଜନଗଣନା ୨୦୨୭କୁ ସୁଚାରୁ ଭାବେ ସମ୍ପାଦନ କରିବା ଲକ୍ଷ୍ୟରେ ପ୍ରଥମ ପର୍ଯ୍ୟାୟ ପାଇଁ ଗଣନାକାରୀ ଓ ପର୍ଯ୍ୟବେକ୍ଷକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପ୍ରଶିକ୍ଷଣରେ ଜନଗଣନା ସମ୍ବନ୍ଧୀୟ ସମସ୍ତ ପ୍ରକ୍ରିୟା, ତଥ୍ୟ ସଂଗ୍ରହ ପଦ୍ଧତି ଓ ଡିଜିଟାଲ ମାଧ୍ୟମର ବ୍ୟବହାର ବିଷୟରେ ବିସ୍ତୃତ ଅବଗତ କରାଯାଉଛି।ମଙ୍ଗଳବାର ଥୁଆମୂଳରାମପୁର ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଠାରେ ପର୍ଯ୍ୟାୟ କ୍ରମରେ ହେବାକୁ ଥିବା ତାଲିମ ଶିବିରର ଶୁଭାରମ୍ଭ ହୋଇଛି। ୧୭ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ତାଲିମ ଶିବିରରେ ବ୍ଲକର ୩୭୨ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେବେ। ସ୍ଥାନୀୟ ତହସିଲଦାର ସତ୍ୟ ସନାତନ ପାଣିଗ୍ରାହୀ ତାଲିମ ଶିବିରର ଶୁଭାରମ୍ଭ କରିଛନ୍ତି।ଅତିରିକ୍ତ ତହସିଲଦାର ସନାତନ ମହାରଣା, ସେକ୍ ସନ୍ ଅଫସର ବିନୋଦ ନାଏକ, ବରିଷ୍ଠ ରାଜସ୍ୱ ସହାୟକ ଆଶିଷ କୁମାର ପଣ୍ଡା ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ।ତାଲିମ ଶିବିରର ପ୍ରଥମ ପର୍ଯ୍ୟାୟରେ ୮୦ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯିବ। ଏମ୍ଏମ୍ପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଥୁଆମୂଳରାମପୁରର ଅଧ୍ୟାପକ ସରୋଜ କୁମାର ପାଧିଯୋଷୀ, ବଡ୍ରୁବାହାନ ବୁଦ୍ଧିଆ, ଶେଖ୍ଅଖତର୍ ଏବଂପ୍ରଶାନ୍ତ କୁମାର ମୁଣ୍ଡଛିନା ପ୍ରଶିକ୍ଷକ ଭାବେ ତାଲିମ ପ୍ରଦାନ କରିବେ।ପ୍ରଶିକ୍ଷଣ ଶିବିରରେ ଅଧିକାରୀମାନେ ଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କୁ ଘରେ ଘରେ ଯାଇ ସଠିକ ତଥ୍ୟ ସଂଗ୍ରହ କରିବା ପାଇଁ ନିୟମାବଳୀ, ପ୍ରଶ୍ନାବଳୀ ପୂରଣ ପ୍ରଣାଳୀ ଏବଂ ସମୟସୀମା ମଧ୍ୟରେ କାମ ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେଥିପାଇଁ ତଥ୍ୟର ସଠିକତା ଓ ଗୋପନୀୟତା ରକ୍ଷା ପ୍ରତି ବିଶେଷ ଗୁରୁତ୍ୱ ଦେବାକୁ ମଧ୍ୟ କୁହାଯାଇଛି।ପ୍ରଥମ ପର୍ଯ୍ୟାୟରେ ଘର ତାଲିକାକରଣ ଓ ଗୃହ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ ହେବାକୁ ଥିବା ବେଳେ, ପରବର୍ତ୍ତୀ ପର୍ଯ୍ୟାୟରେ ଜନଗଣନା କାର୍ଯ୍ୟ ସମ୍ପନ୍ନ କରାଯିବ। ସରକାରଙ୍କ ଏହି ପ୍ରୟାସ ଜନସଂଖ୍ୟା ସମ୍ବନ୍ଧୀୟ ସଠିକ ତଥ୍ୟ ଉପଲବ୍ଧ କରାଇବା ସହିତ ଭବିଷ୍ୟତ ଯୋଜନା ତିଆରିରେ ମୁଖ୍ୟ ଭୂମିକା ନିଭାଇବ ବୋଲି ଆଶା କରା ଯାଉଛି।




● ଜୟପାଟଣାରେ କାଳବୈଶାଖୀର ତାଣ୍ଡବ

# କୁଆପଥର ମାଡ଼ରେ ବ୍ୟାପକ କ୍ଷୟକ୍ଷତି

**ଜୟପାଟଣା, ୧୭ ।୩(ସମିସ):** ଜୟପାଟଣା ବ୍ଲକ ମୁଖୀଗୁଡା ଅଞ୍ଚଳରେ କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଥିଲା।ଚଳିତ ବର୍ଷର ଏହି ପ୍ରଥମ ବର୍ଷା ଲୋକଙ୍କୁ ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ସାମାନ୍ୟ ଆଶ୍ୱସ୍ତି ଦେଇଥିଲେ ହେଁ, ବର୍ଷା ସାଙ୍ଗକୁ ପ୍ରବଳ ପବନ ଏବଂ କୁଆପଥର ମାଡ଼ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଅପରାହ୍ନରେ ହଠାତ୍ ପାଗ ପରିବର୍ତ୍ତନ ହୋଇ ଆକାଶ ମେଘାଚ୍ଛନ୍ନ ହେବା ସହ ଝଡ଼ତୋଫାନ ଆରମ୍ଭ ହୋଇଥିଲା।ବର୍ଷାର ବେଗ ସହ ବଡ଼ ବଡ଼ କୁଆପଥର ମାଡ଼ ହେବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅନେକ ସ୍ଥାନରେ ଘରର ଚାଳ ଉଡ଼ିଯିବା ସହ ଗଛଡାଳ ଭାଙ୍ଗି ପଡ଼ିଥିବା ସୂଚନା ମିଳିଛି। କୁଆପଥର ମାଡ଼ ଯୋଗୁଁ ବିଶେଷ କରି ରବି ଚାଷ ଏବଂ ପନିପରିବା ଚାଷ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେବା ଆଶଙ୍କା କରାଯାଉଛି। କ୍ଷେତରେ ଥିବା ଫସଲ ନଷ୍ଟ ହେବା ଭୟରେ ଚାଷୀକୁଳ ମୁଣ୍ଡରେ ହାତଦେଇ ବସିଛନ୍ତି। ସରକାରୀସ୍ତରରେ ବର୍ତ୍ତମାନ ସୁଦ୍ଧା କ୍ଷୟକ୍ଷତିର ଆକଳନ ଆରମ୍ଭ ହୋଇନାହିଁ। ତେବେ ତୁରନ୍ତ ସର୍ଭେ କରାଯାଇ କ୍ଷତିଗ୍ରସ୍ତ ଚାଷୀ ଓ ଗରିବ ପରିବାରଙ୍କୁ ସହାୟତା ପ୍ରଦାନ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ପାଟଖଣ୍ଡା ବୁଢ଼ାରଜାଙ୍କ ଝାମୁଯାତ୍ରା ସମ୍ପନ୍ନ

**ଲାଞ୍ଜିଗଡ଼, ୧୭ ।୩(ସମିସ):** ପ୍ରାଚୀନ ଧର୍ମଧାରାର ପ୍ରତୀକ ପାଟଖଣ୍ଡା ବୁଢ଼ାରଜାଙ୍କ ଝାମୁଯାତ୍ରା ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତସ୍ଥିତ ଥୁଆଙ୍ଗପଦର ପାଟଖଣ୍ଡା ବୁଢ଼ାରଜାଙ୍କ ପୀଠଉତ୍ସବ ମୁଖର ହୋଇଉଠିଛି। ପ୍ରଥମେ ଗାଁରୁ ବିଭିନ୍ନ ପ୍ରକାର ଶସ୍ୟ ଧାନ, ବିରି, ମୁଗ, କୋଳଥ, ମକା, ସଂଗ୍ରହ କରି ନୂଆଁ ବାଉଁଶରେ ସାତଟି ଟାଙ୍ଗୁଡ଼ି ତିଆରି କରି ଟାଙ୍ଗୁଡ଼ିରେ ନିକଟସ୍ଥ ନଦୀରୁ ବାଲି କଢାଯାଇଥିଲା। ପରେ ୭ଟି ନୂଆଁ ଟାଙ୍ଗଡ଼ିରେ ଗାଁରୁ ସଂଗୃହିତ ବିଭିନ୍ନ ପ୍ରକାର ବିହନକୁ ଗଜା ହେବାପାଇଁ ବାଲି ଟାଙ୍ଗୁଡ଼ିରେ ପକାଯାଇଥିଲା। ସେହି ବାଲି ଗଜାକୁ ସାତଦିନ ପର୍ଯ୍ୟନ୍ତ ରିନିନୀତି ଅନୁସାରେ ମନ୍ଦିର ପୂଜକ ପୂଜାର୍ଚ୍ଚନା କରିଥିଲେ ଓ ନିକଟସ୍ଥ ତାଦିଶୋରୁ ଜଙ୍ଗଲକୁ ଯାଇ ବେଲକଣ୍ଟା ଆଣି ପୂଜକମାନେ ବେଲ କଣ୍ଟାରେ ଝାମେର ଦୋଳି ପ୍ରସ୍ତୁତ କରିଥିଲେ। ଯାତ୍ରା ଦିନ ବେଲକଣ୍ଟା ଦୋଳିରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥିବା ବେଳେ ଡହଡ଼ହ ତତଲା କାଳିସୀ ନିଆଁରେ ଚାଲିବା ସହ ନିଜର ଶକ୍ତିର ପରିଚୟ ଦେଇଥିଲେ। ଏହାପରେ ମାନସିକ କରିଥିବା ଭକ୍ତମାନେ ମାନସିକ ଅନୁଯାୟୀ ଛେଳି, କୁକୁଡ଼ା ଓ ପାରା ବଳି ଦେଇଥିଲେ। ପାଟଖଣ୍ଡା ବୁଢ଼ାରଜା ମୁଖ୍ୟପୂଜକ ବାନ ମାଝୀ, ଉଆଁସୁ ହରିଜନ ବାହୁକ ବିଟୁ ମାଝୀ, ବୁଡାରଜା ସାଂସ୍କୃତିକ ଅନୁଷ୍ଠାନ ସଦସ୍ୟ ରାମଚନ୍ଦ୍ର ମାଝୀ, ବିଜୟ ମାଝୀ, ପ୍ରଦୀପ ମାଝୀ, ବିସ୍ନୁ ମାଝୀ, ଭଦ୍ର ମାଝୀ, ଶଶୀ ମାଝୀ, ଶିବ ମାଝୀ, ଲାଇ ମାଝୀ, ବିଗ୍ନ ମାଝୀ, ଛବି ମାଝୀ, ଟିକେ ଲାଲ ମାଝୀ, ବିପ୍ଳବ ମାଝୀଙ୍କ ସମେତ ଗ୍ରାମବାସି ସହଯୋଗ କରିଥିଲେ।



### ଜୀବିତ ଡମ୍ବୁ ଶବରଙ୍କୁ ମୃତ ଘୋଷଣା ମାମଲା

# ଜିଲ୍ଲାପାଳଙ୍କୁ ସ୍ପଷ୍ଟୀକରଣ ମାଗିଲେ ଜାତୀୟ ମାନବାଧିକାର କମିଶନ

ଭବାନୀପାଟଣା, ୧୭ ।୩(ସମିସ)

କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା କନାବିରାଗ୍ରାମର ଆଦିବାସୀ ଡ଼ମ୍ବୁ ଶବରଙ୍କୁ ମୃତ ଘୋଷଣା କରି ତାଙ୍କର ସମସ୍ତ ସରକାରୀ ସୁବିଧା ସୁଯୋଗକୁ ବ୍ଲକ ପ୍ରଶାସନ ବନ୍ଦ କରିବା ମାମଲାରେ କଳାହାଣ୍ଡି ଜିଲ୍ଲାପାଳଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି ଜାତୀୟ ମାନବ ଅଧିକାର କମିଶନ। ଗତ ୨୦୨୩ ମସିହାରେ ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ମାନବ ଅଧିକାର କର୍ମୀ ଦିଲ୍ଲୀପ କୁମାର ଦାସ କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ। ଜୀବିତ ବ୍ୟକ୍ତିଙ୍କୁ ମୃତ ଘୋଷଣା ଫଳରେ ତାଙ୍କର ସାମ୍ବିଧାନିକ ମୌଳିକ ଅଧିକାର ଓ ମାନବ ଅଧିକାର କ୍ଷୁର୍ଣ୍ଣ ହୋଇଥିବା ଦର୍ଶାଇ ଦାଖଲ ହୋଇଥିବା ଅଭିଯୋଗକୁ କେଶ ସଂଖ୍ୟା ୨୬୭୨/୧୮.୬.୨୦୨୩ ଭାବରେ ପଞ୍ଜୀକରଣ କରି କମିଶନ ଶୁଣାଣି ଜାରି ରଖିଛନ୍ତି। ପୂର୍ବରୁ କମିଶନଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଓ ଜିଲ୍ଲା ପ୍ରଶାସନ ଯେଉଁ ରିପୋର୍ଟ ପ୍ରଦାନ କରିଥିଲେ ସେଥିରେ ବହୁ ଅସଙ୍ଗତି ଥିବା ଦର୍ଶାଇ ଅଭିଯୋଗକାରୀ ଶ୍ରୀ ଦାସ କମିଶନଙ୍କ ନିକଟରେ ନିଜର ମତାମତ ଦାଖଲ କରିଥିଲେ। ରିପୋର୍ଟରେ ଡ଼ମ୍ବୁ ଶବରଙ୍କ ପରିବାର ବାହାର ରାଜ୍ୟ ରେ ଦାଦନ ଖଟୁଥିଲେ ମଧ୍ୟ ନିୟମିତ ରାସନ ଚାଉଳ ଉଠାଉ ଥିବା ଦର୍ଶା ଯାଇଥିଲା। ପଞ୍ଚାୟତର ବଣ୍ଟନ ଖାତାରେ ଡ଼ମ୍ବୁଙ୍କ ସ୍ତ୍ରୀ ଚଞ୍ଚଳା ଶବର କେବେ ସ୍ୱାକ୍ଷର କରିଛନ୍ତି ତ ପୁଣି କେବେ ଟିପ ଚିହ୍ନ ଦେଇ ଚାଉଳ ନେଇଛନ୍ତି। ସେହିପରି କେବେ କେବେ ଚାଉଳ ତାଙ୍କ ପୁଅ ଉଠେଇ ଥିବା ଦର୍ଶାଉ ଥିବା ବେଳେ ଆଉ କେଉଁ କେଉଁ ମାସରେ ଅନ୍ୟଜଣେ ବ୍ୟକ୍ତି ଚାଉଳ ନେଇଛି। ଅନ୍ୟପକ୍ଷରେ ପ୍ରଶାସନର ରିପୋର୍ଟ ଅନୁଯାଇ ଡ଼ମ୍ବୁ ଶବରଙ୍କ ପରିବାରରେ ୫ଜଣ ସଦସ୍ୟ ଥିବା ଦର୍ଶାଉଛନ୍ତି କିନ୍ତୁ କେବଳ ୪ ଜଣଙ୍କ ପାଇଁ ଚାଉଳ ଦିଅ ଯାଉଥିବା ପ୍ରମାଣ ମିଳୁଛି ଯାହାକି ଖାଦ୍ୟ ନିରାପତ୍ତା ଆଇନର ଖୋଲାଖୋଲି ଉଲ୍ଲଂଘନ। ଏହି ସମସ୍ତ ବିଷୟ ଉଲ୍ଲେଖ କରି ଅଭିଯୋଗକାରୀ ଶ୍ରୀ ଦାସ ଦେଇଥିବା ରିପୋର୍ଟକୁ ଆଧାର କରି ଗତ ୧୬ ମାର୍ଚ୍ଚ ୨୦୨୬ ରେ କମିଶନ କଳାହାଣ୍ଡି ଜିଲ୍ଲାପାଳଙ୍କୁ ନୋଟିସ ଜାରି କରି ଆସନ୍ତା ୨୩ଏପ୍ରିଲ ୨୦୨୬ ମଧ୍ୟ ରେ ସଠିକ ଏବଂ ପୂର୍ଣ୍ଣାଙ୍ଗ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

